# "ବୁଦ୍ଧିଆ" ର ସଂକ୍ଷିପ୍ତ ଜିବନୀ

## ପରମପୁଜ୍ୟ, ଭକ୍ତବତ୍ସଳ, ମହାଯୋଗୀ, ସିଦ୍ଧ ଶୁନ୍ୟ ସାଧକ, ଶ୍ରୀ ଅଚ୍ୟୁତ ଶିଷ୍ୟ, ତ୍ରିକାଳଦର୍ଶୀ, ବ୍ରହ୍ମର୍ଷି, ପୁଜ୍ୟପାଦ ଶ୍ରୀ ଶ୍ରୀ ବୁଦ୍ଧନାଥ ଦାସଂକ ସଂକ୍ଷିପ୍ତ ଜୀବନୀ

ଭକତ ଆନନ୍ଦେ ମୋ ଆନନ୍ଦ ଆସେ
ନାହିଁ ମୋ ଆପଣା ପର,
ସତ୍ୟପଥେ ଦାସ ଦିନ ନେଉଥାଏ
ଧ୍ୟାୟି ଶ୍ରୀଗୁରୁ ପୟର ।
(ଦାସାନୁଦାସ ବୁଦ୍ଧନାଥ ଦାସ)

Bhakata Ānande Mo Ānanda Āse
Nāhin Mo Āpanā Para,
Satyapathe Dāsa Dina Haruthāe
Dhyāyi ShriGuru Payara.
(Dāsānudāsa Buddhanātha Das)

My joy is in the hapiness of HIS devotees
I view none as mine or not,
In truth so passes this servant his days
Contemplating on ShriGuru's feet.
(servant of his servant, Buddhanath Das)





ସଂକଳନ: ଶ୍ରୀ ଆଦିତ୍ୟ ନାରାୟଣ ଦାସ ଏବଂ ଗାରୋଇ ଗ୍ରାମ ତଥା ଆଶ୍ରମ ବାସୀ
ବୟୋଜ୍ୟେଷ୍ଠ ଅନୁଭବୀ ଏବଂ ପ୍ରତ୍ୟକ୍ଷଦର୍ଶୀଂକ ସହିତ ବାର୍ତ୍ତାଳାପ ଯୋଗେ ସଂଗୃହିତ ତଥ୍ୟଭିତ୍ତିକ ରଚନା

# ପରମପୂଜ୍ୟ ବାବା ଶ୍ରୀ ଶ୍ରୀ ବୁଦ୍ଧନାଥ ଦାସ

ଗୋବର୍ଦ୍ଧନ ପୀଠ, ଗାରୋଇ ଆଶ୍ରମ

ଦେବଭୂମି ଭାରତ, ପୂଣ୍ୟଭୂମି ଉତ୍କଳର ଜଗତସିଂହପୁର ଜିଲ୍ଲାର ନାଉଗାଁ ବ୍ଲକ୍ ଅନ୍ତର୍ଗତ ତେଲସରାଗ୍ରାମ । ଯେଉଁଠାରେ ତା୧୦.୦୧.୧୯୪୦ରିଖ ବୁଧବାର ବକୁଳ ଅମାବାସ୍ୟା ଦିନ ଡେରଲୀଳା ସାରିବା ପାଇଁ ଜନ୍ମ ନିଅନ୍ତି ଯୋଗଜନ୍ମା ମହାପୁରୁଷ ବାବା ଶ୍ରୀ ଶ୍ରୀ ବୁଦ୍ଧନାଥ ଦାସ । ଆନନ୍ଦର ଲହରୀ ଖେଳି ଉଠେ ପିତା -ନରହରି ଜେନା ଓ ମାତା ସୁନ୍ଦରୀଙ୍କ ମନରେ ଯେମିତିକି ଖେଳି ଯାଉଥିଲା ଦ୍ୱାପର ଯୁଗରେ ନନ୍ଦ ଓ ଯଶୋଦାଙ୍କ ମଧ୍ୟରେ ଆହା ମୋ ନନ୍ଦ କୋଳେ ଗୋବିନ୍ଦ । ବୁଧବାର ଦିନ ଜନ୍ମ ହୋଇଥିବାରୁ ମାତା ପିତା ନାମ ଦେଇଥିଲେ ବୁଧିଆ । ଯିଏ କି ଆଜି ସାରା ବିଶ୍ୱରେ ବାବା ବୁଦ୍ଧନାଥ ଦାସ ନାମରେ ପରିଚିତ । ବାଲ୍ୟତ କାଳରୁ ଭଗବାନ ଶ୍ରୀକୃଷ୍ଣଙ୍କ ପରି ସେ ବହୁତ ନଟଖଟ ଥିଲେ । ବାଲ୍ୟ ଅବସ୍ଥାରେ ସେ କେବେ ପାଠ ପଢିବାର କେହି ଦେଖିନାହାନ୍ତି । ଗାଁର ଚ୍ରିପାଖରେ ନଦୀ ନାଳ ଘେର ତେଣୁ ପାଣିରେ ବୁଡି ମାଛ ଧରିବାରେ ତାଙ୍କର ଅଧିକାଂଶ ସମୟ ବିତିଯାଉଥିଲା । ସେ ବାଲ୍ୟତ କାଳରୁ ଗୋସେବାରେ ମଧ୍ୟ ଧ୍ୟାନ ଦେଉଥିଲେ । ଘାସକାଟି ସେ ଗୋରୁମାନଙ୍କୁ ଖାଇବାକୁ ଦେଇ ଅତି ଆନନ୍ଦିତ ହେଉଥିଲେ । ଦିନେ ସେ ଗୋବରୀ ନଦୀରେ ମାଛ ଧରୁଥିବା ସମୟରେ ଏକ ବିରାଟକାୟ ମଗର ମୁକ୍ତି ପାଇବା ପାଇଁ ବାବାଙ୍କ ଗୋଡ଼କୁ ମାଡିବସିଲା । ଏବଂ ଶ୍ରୀଚରଣାମୃତ ଭାବରେ ବାବାଙ୍କ ପାଦରୁ ପିଣ୍ଡୁଳାଏ ମାଂସ ନେଇ ଯାଇଥିଲା । ଯାହାକି ଜୀବନର ଅନ୍ତିମ କ୍ଷଣ ପର୍ଯ୍ୟନ୍ତ ଚିହ୍ନଟି ସେହିଭଳି ଭାବରେ ଅଲିଭା ହୋଇ ରହିଗଲା । ଗାଁ ଦାଣ୍ଡରେ ଖେଳି ବୁଲି ସମୟ ଅନୁସାରେ ସେ ଧୀରେ ଧୀରେ କିଶୋର ଅବସ୍ଥାରେ ପାଦଦେଲେ । ସେତେବେଳେ ମନୋରଞ୍ଜନର ଖୋରାକ କିଛି ନଥିଲା । ତେଣୁ ଲୋକମାନେ ମନୋରଞ୍ଜନ ପାଇଁ ରାମଲୀଳା କରୁଥିଲେ । ରାମଲୀଳା ନାଟକରେ ବାବା ନିଜେ ହନୁମାନ ହୋଇ ଦର୍ଶକମାନଙ୍କୁ ଖୁସିର ଖୋରାକ ଦେଉଥିଲେ । ବୟସ ବୃଦ୍ଧି ସଙ୍ଗେ ସଙ୍ଗେ ମାତା ପ୍ରେମଲତାଙ୍କ ସହିତ ବାବାଙ୍କର ବିବାହ ବନ୍ଧନ ଉଦ୍‌ଯାପିତ ହୁଏ । ବାବା କୁହନ୍ତି -

ଜୀବ ଆସିଛି ଜୀବ ଯିବ<br>
ମଝିରେ ଦିନାକେତେ ଥିବ<br>
କରିବ ନୂଆ ନୂଆ ଭାବ<br>
ଜଳେ ଯେସନେ ଚ୍ଲେ ନାବ ।

ସେହିପରି ତାଙ୍କର ସଂସାରର ନୈକା ଆଗକୁ ବଢିଚ୍ଲେ ଆଉ ଜନ୍ମ ହୁଅନ୍ତି ଏକ କନ୍ୟା ସନ୍ତାନ । ତା' ପରେ ବାବାଙ୍କ ଜୀବନରେ ଦୁଃଖରୂପୀ ଜୁଆର ମାଡ଼ି ମାଡ଼ି ଆସେ । ସେଇଠୁ ଜୁଆରକୁ ସମ୍ଭାଳିବା ପାଇଁ ବାବା ଅନେକ ପ୍ରୟାସ କରନ୍ତି । ସେ ସାମ୍ନା କରନ୍ତି ଅନେକ କଷ୍ଟ ଓ ଆର୍ଥୀକ ଅନାଟନର । ଅର୍ଥାଗମ ଆଶାରେ ବାବା ବାହାରି ପଡ଼ନ୍ତି କଟକ ସହର । ବଡ଼ଭାଇଙ୍କ ସହିତ ଆରମ୍ଭ କରନ୍ତି ଏକ କ୍ଷୁଦ୍ର ବ୍ୟବସାୟ ଏବଂ ଦୁହିଁଙ୍କ ଚେଷ୍ଟାରେ ବ୍ୟବସାୟଟି ଭଲଚ୍ଲେ । ବ୍ୟବସାୟ ଭଲ ଚ୍ଲୁଥିଲେ ମଧ୍ୟ ହଠାତ ବାବାଙ୍କ ହୃଦୟରେ ଆଧ୍ୟାତ୍ମିକ ଭାବଧାରର ଜାଗ୍ରତ ହୁଏ । ତା'ପରେ ସେ ପୁନରାଗମନ କରନ୍ତି ଗ୍ରାମକୁ । ପତ୍ନୀ ଓ ସନ୍ତାନଙ୍କ ସହିତ ଆରମ୍ଭ କରନ୍ତି ନିତ୍ୟ ନୈମିତ୍ତିକ ଦେବାର୍ଚ୍ଚନା । ଘରେ ଏକ କାଠ ନିର୍ମିତ ମହାକାଳୀଙ୍କ ଫଟୋଚିତ୍ର ସ୍ଥାପନ କରି ପୂଜା କରିବାରେ ଲଗିଲେ । ତତ୍‌ପରେ ଅବସ୍ଥା ଏପରି ହେଲା ଯେ ଠାକୁରଙ୍କ ଦୈନିକ ପୂଜା ଲାଗି ପୂଜା ସାମଗ୍ରୀ ଯୋଗାଡ଼ କରିବା ତାଙ୍କ ପକ୍ଷେ ସମ୍ଭବ ହେଲାନାହିଁ । ତେଣୁ ରୋଜଗାର ପାଇଁ ଅନ୍ୟ ଏକ ବ୍ୟବସାୟ ଆରମ୍ଭ କରିବା ପାଇଁ ମନସ୍ଥ କରନ୍ତି । ସେ ତାଙ୍କର ନିକଟତମ ବନ୍ଧୁ ବିଷ୍ଣୁ ବିଶ୍ୱାଳ (ପାଉ)ଙ୍କ ସହିତ ନଡ଼ିଆ ବେପାର ପାଇଁ କୋଣାର୍କ ନିକଟସ୍ଥ ଭାଣପୁର ଗାଁକୁ । ସେଠାରେ ନଡ଼ିଆର ପ୍ରଚୁର ଅମଳ ଅଛି । ସେଠୁ ସେ ନଡ଼ିଆ ଆଣି ବେପାର କରିବା ଆଶାରେ ଗାଁ କୁ ଆସିବା ବେଳକୁ ସଂଧ୍ୟା ହୋଇଯାଏ । ସେହିଠାରେ ହିଁ ସେମାନେ ରାତ୍ରୀ ଯାପନ କରନ୍ତି । ସେଦିନ ସେ ରାତ୍ରୀରେ ହଠାତ ବାବାଙ୍କର ଶ୍ୱାସରୋଗ ବଢିଯାଏ ଏବଂ ମୃତବତ ପ୍ରାୟ ଏକ ଗଛ ମୂଳରେ ପଡି ରୁହନ୍ତି । ଅପରିଚିତ ନିଛାଟିଆ ଯାଗା ସେହି ନିର୍ଜନତା ଭିତରେ ଶୁଭୁଥାଏ ବାବାଙ୍କର ଯନ୍ତ୍ରଣାର ସ୍ୱର । ପ୍ରାୟ ଅର୍ଦ୍ଧରାତ୍ର ହେବ ଅଗ୍ନିକ ଏକ ଉଜ୍ଜ୍ୱଳ ମୟ ଜ୍ୟୋତିରେ ଏକ ବୃଦ୍ଧ ବ୍ରାହ୍ମଣ ଯେମିତି ମୃତ୍ୟୁ ସଞ୍ଜିବନୀ ନେଇ ଆସେ ପାଖରେ ବସି ହାତରେ ଅମୃତର ଧାରା ପରି ହାତ ସର୍ବାଙ୍ଗରେ ଲେପନ କରି ହଠାତ କୁଆଡ଼େ ଚ୍ଲିଯାଆନ୍ତି । ସେ ଚ୍ଲିଯିବା ପରେ ସେହି ସ୍ଥାନଟି ଏକ ଅପୂର୍ବ ସୁଗନ୍ଧରେ ପୁରି ଉଠୁଥାଏ ଓ ଅଳ୍ପ ସମୟ ମଧ୍ୟରେ ବାବା ଉଠିପରି କୁହନ୍ତି କି ଆରାମ ଲାଗୁଛି ପାଉ । ତା'ପରେ ଦୁହେଁ ଅନୁଭବ କରନ୍ତି ସେ ଆଉ କେହି ନୁହଁନ୍ତି । ସେ ଭଗବାନ । ତା'ପରଦିନ ନଡିଆ ଗାଡି ଧରି ଡଙ୍ଗାରେ

ପାରିହେବା ପାଇଁ ଦେବୀ ନଦୀ ନିକଟରେ ପହଞ୍ଚିଲେ ଏବଂ ସେଦିନ ଦେବୀନଦୀର କରାଳ ରୂପ ଭୀଷଣ ଜୁଆର ଦୁଇକୂଳ ଲଙ୍ଘୁଛି, ପ୍ରଖର ସୁଅ, ନାଗମୁଣ୍ଡ ଦୁଇଖଣ୍ଡ ହେବ । ସେଦିନର ଜୁଆର ଦେଖି ନାବିକ ଆସିବା ପାଇଁ ମନାକରିବା ସତ୍ତ୍ୱେ ବାବା ଓ ପାଉ ତାକୁ ବହୁତ ବାଧ୍ୟକରି ରାଜି କରାଇଲେକିନ୍ତୁ ବିଧିର ବିଧାନ ଥିଲା ଅଲଗା । ଡଙ୍ଗାରେ ନଡ଼ିଆ ନଦିବା ପରେ ଏକ ବଡ଼ ଲହଡ଼ିରେ ଡଙ୍ଗାଟି ପଡ଼ିଲା । ସବୁ ନଡ଼ିଆ ନଇ ସୁଅରେ ଭାସିଗଲା । ଜୀବନ ଯୁଦ୍ଧରେ ହାରିବାର ଥିଲେ କେହି ଜିତାଇ ପାରିବେ ନାହିଁ । ଦୁହେଁ ପହଁରି ପହଁରି କୂଳରେ ପହଞ୍ଚିଲେ ଏବଂ ତାଙ୍କୁ ଏଥିରେ ପ୍ରଚୁର କ୍ଷତି ସହିବାକୁ ପଡ଼ିଲା । ତଥାପି ସେ ହାରି ନଯାଇ ଜୀବନର ଗତିପଥକୁ ଆଗକୁ ବଢାଇବା ପାଇଁ ତୃତୀୟ ଯୋଜନାରେ ଲାଗିପଡ଼ିଲେ । ପାଉକୁ ସାଙ୍ଗରେ ଧରି ବାବା ଯାତ୍ରା କରନ୍ତି ଭୁବନେଶ୍ୱର ଅଭିମୁଖେ ଓ ଏରୋଡ୍ରମ ପାଖାପାଖି ଜାଗଟିଏ କିଣି ଗ୍ ଦୋକାନ ଆରମ୍ଭ କଲେ । ଦୋକାନ ବନ୍ଦପରେ ବାବା ପ୍ରତିଦିନ ପାଖରେ ଥିବା ଏକ ଆମ୍ବତୋଟାକୁ ଯାଆନ୍ତି । ଆମ୍ବତୋଟାକୁ ଏକ ସ୍ମଶାନଟିଏ ଲାଗି ରହିଥିଲା । ସେଠାରେ ସେ ବିଳମ୍ବିତ ରାତ୍ରୀ ପର୍ଯ୍ୟନ୍ତ ଏକାକି ବସି ଈଶ୍ୱରଙ୍କ ପ୍ରାର୍ଥନା କରନ୍ତି । କିନ୍ତୁ ଈଶ୍ୱରଙ୍କ ଉଦ୍ଦେଶ୍ୟ ଭିନ୍ନ । ସେ ସ୍ଥାନରୁ ତାଙ୍କୁ ତିନୋଟି ଦୁର୍ଲ୍ଲଭ ମୂର୍ତ୍ତୀ ମିଳିଲା । ମୂର୍ତ୍ତି ତିନୋଟି ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କର ଥିଲା । ଦରିଦ୍ର କୋଟିନିଧି ପାଇଲା ପରି ସେ ସେହିଦିନୁ ମୂର୍ତ୍ତି ତ୍ରୟକୁ ପାଖରେ ରଖି ବିଦ୍ଧିବଦ୍ଧଭାବରେ ପୂଜାର୍ଚ୍ଚନା କଲେ । ବାବାଙ୍କ ଦୋକାନଠାରୁ ସ୍ୱଳ୍ପବାଟରେ କିଛି ଖ୍ରୀଷ୍ଟିଆନ ରହୁଥିଲେ । ସେମାନେ ଅପାଠୁଆ ହିନ୍ଦୁମାନଙ୍କୁ ପ୍ରଲୋଭନ ଦେଖାଇ ଖ୍ରୀଷ୍ଟିଆନ କରିବାରେ ଲାଗିଥାନ୍ତି । ସେମାନେ ନିୟମିତ ବାବାଙ୍କ ଦୋକାନକୁ ଆସୁଥିଲେ ମଧ୍ୟ ସେମାନଙ୍କ ଗତିବିଧି ବାବାଙ୍କୁ ଭଲ ଲାଗୁନଥିଲା । ଏକଦା ଯୁକ୍ତି ତର୍କ ଭିତରେ ସେମାନେ ବାବାଙ୍କୁ କହିଲେ ତମେ ବି ଥୟ ପଡ଼ିବ ନାହିଁ । ସେମାନଙ୍କ ସେ ହୃଦୟ ବିଦାରକ କଥା ବାବାଙ୍କୁ ବହୁତ କଷ୍ଟ ଦେଲା । କିଛି ସମୟ ନିରବ ରହି ବାବା ବଡ଼ ଦୁଃଖରେ କହିଲେ ଦେଖ କାଲି କ'ଣ ହେଉଛି । ତା'ପରଦିନ ସକାଳୁ ଖ୍ରୀଷ୍ଟିୟାନମାନଙ୍କ ବମ୍ବେରୁ ଆସୁଥିବା ଜାହାଜ ଦୁର୍ଘଟଣାର ଶିକାର ହେଲା । ଜାହାଜରେ ନିଆଁ ଲାଗିଗଲା । ଜିନିଷ ପୋଡ଼ିଯିବା ସହିତ ଲୋକମାନେ ଜୀବନ୍ତ ଦଗ୍ଧ ହୋଇଗଲେ । ଏ ଖବର ପାଇବାକ୍ଷଣି ସେମାନଙ୍କର ଚେତା ହଜିଗଲା । ଏହା ପରଠୁ ଆରମ୍ଭ ହୁଏ ବାବାଙ୍କ ଅଲୌକିକ କଥା ।

ବାବାଙ୍କ କଥା ସତ୍ୟ ହେବା ଜାଣି ଖ୍ରିଷ୍ଟିୟାନମାନେ ତା'ପରଦିନ ସକାଳୁ ଆସି ସାଷ୍ଟାଙ୍ଗ ପ୍ରଣିପାତ ହେଲେ ଏବଂ ସେମାନେ ନିଜ ମୁଖରେ ବାବାଙ୍କ ଜୟ ଧ୍ୱନୀକରି କହିଲେ ଆପଣ ସାମାନ୍ୟ ଲୋକ ନୁହଁନ୍ତି ଆପଣ ଜଣେ ଦେବଦୂତ । ସେଠାରେ ବି ବାବା ବେଶୀଦିନ ନରହି ପୁଣି ଗାଁକୁ ଆସିଲେ । ହରିପ୍ରେମରେ ବୁଡ଼ି ରହିବା ଯାହାଙ୍କ ଜନ୍ମଜାତକରେ ଲେଖା ଅଛି ସେ କ'ଣ କେବେ ସଂସାର ବନ୍ଧନରେ ବୁଡ଼ି ରହିପାରିବ । ମାନିବାକୁ ପଡ଼ିବ ତାଙ୍କ ପତ୍ନୀ ପ୍ରେମମାତାଙ୍କୁ । ବାସ୍ତବରେ ସହଧର୍ମିଣୀ ସେ । ଏତେ ଦୁଃଖ ଯାତନା ଭିତରେ ସେ କଦାପି ଭାଙ୍ଗି ପଡି ନାହାନ୍ତି ସେ ପାଶାଣୀ ଅହଲ୍ୟା ପରି ସେ ସମସ୍ତ ଦୁର୍ବିସହ ଦୁଃଖକୁ ହୃଦୟ ଭିତରେ ଗୁପି ରଖି ପଡି ରହିଥିଲେ ଏହାହିଁ ତାଙ୍କ ଅସାମାନ୍ୟ ଧୈର୍ଯ୍ୟ ଓ ସହନଶୀଳତାର ମହତ୍ୱକୁ ପ୍ରତିପାଦନ କରେ । ପରିବାରର ଦୂରବସ୍ଥା ବାବାଙ୍କୁ ଅସହ୍ୟ କରୁଥିଲେ ମଧ୍ୟ ଅଭାବ ଅନାଟନ ମଧ୍ୟରେ ସେ ନିଜର ପୂଜାର୍ଚ୍ଚନା ଅବ୍ୟାହତ ରଖିଥାନ୍ତି । ଶେଷରେ ପୂଜାର୍ଚ୍ଚନା ଓ ପରିବାର ପାଇଁ ଭୀକ୍ଷାବୃତ୍ତି ଆବୋରିବାକୁ ପଡ଼ିଲା । ସେଥିପାଇଁ ସାତଘର ଭୀକ୍ଷା କରି ପୂଜାର୍ଚ୍ଚନା ସହିତ କୁଟୁମ୍ବ ପ୍ରତିପୋଷଣ କରିବା ସହିତ ଅତିଥି ଅଭ୍ୟାଗତ ସେବା କରିବାରେ ନିଜକୁ ନିୟୋଜିତ କରୁଥିଲେ । ଯୁଗକର୍ମ, ଦେବକର୍ମ ଜନମଙ୍ଗଳ ପାଇଁ ଯାହାର ଜନ୍ମ ସେ ବା କିପରି ଏସବୁଥିରେ ନିଜକୁ ବାନ୍ଧି ରଖିବ । ବାବା କୁହନ୍ତି -

ନିଷ୍କାମ ଭାବନା କରରେ ମନୁଆ
କାମନାକୁ କର ଶୂନ୍ୟ
କାମନା ରହିଲେ ସର୍ବଶୂନ୍ୟ ହେବ
ନଥିବ ହରି ଚିନ୍ତନ ।

କାମନାକୁ ଶୂନ୍ୟ କରିବା ଓ ନିଜକୁ ପରିମାର୍ଜିତ କରିବା ପାଇଁ ସେ ବାହାରିପଡ଼ନ୍ତି ଆସାମର କାମାକ୍ଷା କ୍ଷେତ୍ରକୁ । ମଣିକାଞ୍ଚନର ସଂଯୋଗ ପରି ବାବାଙ୍କର ଭେଟହୁଏ ଦଶନାମୀ ସାଧୁ ସିଦ୍ଧସାଧକ ଶ୍ରୀ ଶ୍ରୀ ଶ୍ରୀ ରଘୁନାଥ ଗିରିଙ୍କ ସହିତ । ସେ ବାବାଙ୍କୁ ପୁତ୍ରବତ୍ ପାଖରେ ରଖି ସାଧନାର ପରମ ସୂତ୍ର ଶିଖାଇବାରେ ଲାଗିଲେ ଓ ବାବା ସାଧନାର ଶୀର୍ଷସୀମାରେ ପହଞ୍ଚିଲେ । ଏହା ଦେଖି ବାବାଙ୍କ ଗୁରୁ ଅତ୍ୟନ୍ତ ଖୁସି ହେଲେ ପରେ ସେ ଗୁରୁଙ୍କ ଆଜ୍ଞା ନେଇ ପୁନଶ୍ଚ ଗ୍ରାମକୁ ପ୍ରତ୍ୟାବର୍ତ୍ତନ

କଲେ । ଗାଁରେ ରହି ଲୋକମାନଙ୍କ ସେବା କରିବା ସହିତ ଭଗବତ ଚିନ୍ତାରେ ନିଜକୁ ଅନୁପ୍ରାଣିତ କଲେ ।

ତେଲସରା ଗ୍ରାମପାଖରେ ଦେବଭୂମି ଗାରୋଇ । ଏଠି କେଉଁ ଅନାଦି କାଳରୁ ଗାଦି ଗୋସେଇଁ ବିଦ୍ୟମାନ । ତାଙ୍କ ନାମରେ ଗାଦିଦଣ୍ଡା, ଗାଦିବଣ, ଗାଦି ନଈ ରହିଅଛି । ଏଠି ଶ୍ୱେତବଟ, ସୁଭଦ୍ରାଦାରୁ, କଳ୍ପ ଅଶ୍ୱତ୍‌ଥ, ଶିଆଳି ଲଟା, ବରୁଣ ବଣ ରହିଛି । ଏଠି ସର୍ବଦା କୋଇଲିର କୁହୁତାନ ଶୁଣିବାକୁ ମିଳେ ଏବଂ ଜାତି ଜାତି ପକ୍ଷିଙ୍କର କିଚିରି ମିଚିରି ଶବ୍ଦ ସ୍ଥାନଟିକୁ କୋଳାହଳମୟ କରିଥାଏ । ଏଇଠି ଗୋବର୍ଦ୍ଧନ ଋଷି ସମାଧିସ୍ଥ ହୋଇଥିଲେ ।  ପୁରୀ ଗଲାବେଳେ ପଞ୍ଚସଖା ଯୁଗର ବରେଣ୍ୟ ସଚ୍ଚ ଲକ୍ଷେ ଛୟାଅସୀ ହଜାର ଗ୍ରନ୍ଥର ପ୍ରଣେତା ମହାପୁରୁଷ ଅଚ୍ୟୁତ ପୁରୀ ଯିବା ସମୟରେ ଏହି କଳ୍ପ ଅଶ୍ୱତ୍‌ଥ ମୂଳେ ବିଶ୍ରାମ ନେଇଥିଲେ । କ୍ଳାନ୍ତୀରେ ତାଙ୍କ ପାଟିରୁ ବାହାରି ଯାଇଥିଲା ଏହି ସ୍ଥାନରେ ପୁରୀ ହୋଇ ଥାଆନ୍ତା କି ? ତାଙ୍କର ସେହି ବାକ୍ୟକୁ ତାଙ୍କର ପଟ୍ଟଶିଷ୍ୟ ରାମଦାସ ବାବା ବୁଦ୍ଧନାଥଙ୍କ ରୂପରେ ଆଜି ସଫଳ କରିଛନ୍ତି । ସ୍ଥାନଟିର ଦକ୍ଷିଣ ଦିଗରେ ପାଖକୁ ଲାଗି କୁଳୁ କୁଳୁ ଧ୍ୱନୀ କରି ଗୋବରୀ ନଦୀ ବହି ଯାଉଥିବା ବେଳେ ପୂର୍ବ ଦିଗରେ ଦେବୀନଦୀ କ୍ଷିପ୍ରଗତିରେ ବହିଯାଇ ସମୁଦ୍ରରେ ମିଶିଛି । କୁହାଯାଏ ନଦୀ ଦକ୍ଷିଣରୁ ଉତ୍ତରକୁ ଗତିକଲେ ସେହିସ୍ଥାନରେ ତୀର୍ଥଭୂମି ସୃଷ୍ଟିହୁଏ । ତେଣୁ ଏଠି ଦେବୀନଦୀ ଦକ୍ଷିଣରୁ ଉତ୍ତରକୁ ଗତିକରି ଗାରୋଇ ଭଳି ତୀର୍ଥସ୍ଥାନ ସୃଷ୍ଟି କରିଛି । ବାବା ସ୍ଥିର କଲେ ଏଇଠି ଆଶ୍ରମ କରିବେ ଓ  ଲୋକମାନଙ୍କ ମଧ୍ୟରେ ଆଧ୍ୟାତ୍ମିକ ଚେତନା ଜାଗ୍ରତ କରାଇବେ । ବାବା ସ୍ତ୍ରୀ ଓ କନ୍ୟାଙ୍କୁ ଧରି ଖଣ୍ଡିଏ  ଦୁଇହାତିଆ ଟିଣ ବାକ୍ସ ମୁଣ୍ଡାଇ ଗାରୋଇ ଆସି ଆଶ୍ରମ ସ୍ଥାପନ କଲେ । ତାଙ୍କ ସାଧନା ପାଇଁ ଏ ସ୍ଥାନଟି ବଡ଼ ଅନୁକୂଳ ହେଲା । ତାଙ୍କ ପୂଜା ପାଠରେ ସ୍ୱତଃ ଆଧ୍ୟାତ୍ମିକ ପରିବେଶ ଅଧିକ ବିକଶିତ ହେବାକୁ ଲାଗିଲା । ସେ ଭୀକ୍ଷାବୃତ୍ତିକରି ଦୁଇବଖରା ଘୃଳଘର ତିଆରି କଲେ । ଗୋଟିକରେ ପିଲାଏ ରହିଲେ ଅନ୍ୟଟିରେ ଠାକୁର ପୂଜା ହେଲା । ଏହିଠାରେ ବାବାଙ୍କର ଏକମାତ୍ର ପୁତ୍ର ସନ୍ତାନ ବାହୁଡ଼ାର ଜନ୍ମ ହେଲା । ସେ ବି କୈଶ୍ୱର ଅବସ୍ଥାରେ ବାହୁଡ଼ିଗଲା ।

ଏହି ସମୟରେ ବାବା ବହୁତ କଷଣ ସହ୍ୟ କରିଛନ୍ତି । ବହୁତ ସୋଧା ଗାଳି ମଧ୍ୟ ଖାଇଛନ୍ତି । ସେଥି ପାଇଁ ବାବା କୁହନ୍ତି - '' ବାବାଜୀ ଜୀବନ ଗୋଚର ଭୂଇଁ, ବିନା ଦୋଷେ ଗାଳି ଖାଇବା ପାଇଁ ।''

ବାବା ସ୍ୱୟଂ ଦିବ୍ୟଦ୍ରଷ୍ଟା ଥିଲେ । ସେ ତାଙ୍କର ଦିବ୍ୟ ଦୃଷ୍ଟି ବଳରେ କୋଣାର୍କର ଅବଧୂତ ଆଶ୍ରମର ବାଙ୍ଖିରେ ଥିବା ତାମ୍ର ପୋଥି ବିଷୟରେ ଜାଣି ପାରିଥିଲେ । ତାପରେ ସେ ସ୍ୱପ୍ନରେ କାକଟପୁରର ପଣ୍ଡିତ ଅମରେଶ୍ୱର ମିଶ୍ରଙ୍କୁ ଦର୍ଶନ ଦେଇଥିଲେ । ପଣ୍ଡିତ ଅମରେଶ୍ୱର ମିଶ୍ର ବାବାଙ୍କୁ ଖୋଜି ଖୋଜି ଆସି ଗାରୋଇ ଆଶ୍ରମରେ ପହଞ୍ଚିଲେ । ସେ ସେଠାରେ ବାବାଙ୍କର ଜଟାଯୁଟ ବିମଣ୍ଡିତ ବିରାଟ ପୁରୁଷ, ଆଜାନୁଲମ୍ବିତ ବାହୁ, ସୁ ପ୍ରସସ୍ଥ ବକ୍ଷ, ସୁଗଭୀର ନାଭି, ସୁଗଠିତ ନାସା, ସୁମିଥ ଲୋମାବଳୀ ଓ ସୁଦୀର୍ଘ ପଦଜୁଗଳକୁ ଦେଖି ଭାବ ବିହ୍ୱଳ ହୋଇଗଲେ । ପଣ୍ଡିତ କ୍ଷଣକାଳ ଅଟକିଗଲେ । ତାପରେ ବାବାଙ୍କ ସହିତ ତାଙ୍କର ନିବିଡ଼ ସଂପର୍କ ବାନ୍ଧି ହୋଇଗଲା ଯେପରି ଗୋଟିଏ ପିତା ସହିତ ପୁତ୍ରର । ବାବା ପଣ୍ଡିତ ଅମରେଶ୍ୱର ମିଶ୍ରଙ୍କ ଦ୍ୱାରା କୋଣାର୍କ ଅବଧୁତ ମଠର ବାଙ୍ଖିରୁ ଶୂନ୍ୟ ତାମ୍ରପୋଥି ଉଦ୍ଧାର କଲେ । ପଣ୍ଡିତ ଅମରେଶ୍ୱର ମିଶ୍ର ସେହି ପୋଥିରୁ ହିଁ ଜାଣିବାକୁ ପାଇଲେ ବାବା ବୁଦ୍ଧନାଥ ଦାସ ହେଉଛନ୍ତି ମହାପୁରୁଷ ଅଚ୍ୟୁତାନନ୍ଦ ଦାସଙ୍କ ପଟ୍ଟଶିଷ୍ୟ ରାମଦାସ ବୋଲି ।

ପୋଥି ସଂସ୍ପର୍ଶରେ ଆସିବା ପରେ ମହାପୁରୁଷ ଅଚ୍ୟୁତଙ୍କ ନିର୍ଦ୍ଦେଶ ଅନୁସାରେ ଶାକ୍ତ ମତରେ ଜୀବନ ଆରମ୍ଭ କରିଥିବା ବାବା ଏବେ ବୈଷ୍ଣବ ମତକୁ ଆପଣେଇ ନେଇ ଅଚ୍ୟୁତ ମନ୍ତ୍ରରେ ଦିକ୍ଷିତ ହେଲେ । ନେମାଳର ତତ୍କାଳୀନ ମହନ୍ତ ମହାରାଜ ଶ୍ରୀ ବିବେକାନନ୍ଦ ଗୋସ୍ୱାମୀ ମହାରାଜାଙ୍କ ଦ୍ୱାରା ଦୀକ୍ଷା ଗ୍ରହଣ କଲେ । ସାରାଜୀବନ  ମହାପୁରୁଷଙ୍କ ଶୂନ୍ୟପୋଥିକୁ ପାଥେୟ କରି ତାଙ୍କରି ନିର୍ଦ୍ଦେଶରେ ଜୀବନକର୍ମ ଅତିବାହିତ କଲେ ।

ଦିନକର କଥା ପୋଥି ଠାକୁର ଗାରୋଇ ଆସିଥାନ୍ତି । ସେହିଦିନ ସଂଧ୍ୟାବେଳେ ଆଶ୍ରମ ଭଜନମଣ୍ଡପ ନିକଟରେ ବହୁଲୋକଙ୍କ ଉପସ୍ଥିତିରେ ପୋଥି ଖୋଲାଗଲା । ବାବା ଆଶ୍ରମର ଭବିଷ୍ୟତ କର୍ମ ବିଷୟରେ ପ୍ରଶ୍ନକଲେ ଯାହା ଉତ୍ତର ଆସିଲା ସେ ସବୁ ଶୁଣି ସମସ୍ତେ ଆଶ୍ଚର୍ଯ୍ୟ ହୋଇଗଲେ । ଠାକୁର କହିଲେ ଏଠି ମୋର ଭବ୍ୟ ମନ୍ଦିର ତିଆରି ହେବ । ମୁଁ ଏଠାରେ ଗୋପନରେ ଭିନ୍ନ ରୂପରେ ରହିବି ଏବଂ ଏହା ମୋର ଦ୍ୱିତୀୟ ଶ୍ରୀକ୍ଷେତ୍ର ହେବ । ଏହି ମନ୍ଦିର କାର୍ଯ୍ୟ ଆରମ୍ଭରୁ ୧୦୦୦ଦିନରେ ଶେଷ ହେବ । ଏହି ସମୟରେ ଜଣେ ଭକ୍ତ ପ୍ରଶ୍ନ କଲେ ଜଣେ ଭିକ୍ଷାସୀ ବାବା ଏତେବଡ଼ ମନ୍ଦିର ପୂଜା ପାର୍ବଣ କରିପାରିବ କିପରି ? ଉତ୍ତର ଆସିଲା ଯାହାର ନିର୍ଦ୍ଦେଶରେ ମନ୍ଦିର ହେବ ତା କଥା ସେ ବୁଝିବ । ତାପରେ ମନ୍ଦିରର ସ୍ଥାନ ନିରୂପଣ ହୋଇ ନୟାଗଡ଼ର ଶିଳ୍ପୀ ଶ୍ରୀ ବୃନ୍ଦାବନ ମହାରଣାଙ୍କ ଦ୍ୱାରା ୧୯୮୯ରେ ମନ୍ଦିର କାର୍ଯ୍ୟ ଆରମ୍ଭ

ହୋଇ ଶିଳ୍ପୀ ଶ୍ରୀ ମାଗୁଣୀ ମହାରଣାଙ୍କ ଦ୍ୱାରା ୧୯୯୧ରେସୁର୍ଣ୍ଣ ହେଲା । ବାବାଙ୍କର ପାଞ୍ଚ ଶିଷ୍ୟ ଓ ଭକ୍ତମାନଙ୍କ ପୂର୍ଣ୍ଣ ସହଯୋଗରେ ମନ୍ଦିର କାମ ଆଗେଇ ଚ଼ାଲିଥାଏ । ତାପରେ ଠାକୁରଙ୍କ ନିର୍ଦ୍ଦେଶ ଅନୁସାରେ ଠାକୁର ରାଜା କେଦାର ନାଥ ବିଶ୍ୱାଳ ଦାରୁ ନିରୁପଣ ନିମନ୍ତେ ଅଧାଗଡା ସିଂହାସନ ତଳେ ଅଧିଆ ପଡିଲେ । ୧୩ଦିନ ପରେ ତାଙ୍କୁ ନିର୍ଦ୍ଦେଶ ମିଳିଲା କୁଞ୍ଜେ କୁଞ୍ଜ ନୀଳୟ୍ । ତାପରେ ପୋଥି ଡକାଯାଇ ସମସ୍ୟାର ସମାଧାନ କରାଗଲା । ପୁରୀ ଜିଲ୍ଲାର ବାଙ୍ଗୁରୀ ଗ୍ରାମର କୁଞ୍ଜ ସାହୁଙ୍କ ଘର ଆଗରେ ସର୍ବ ଲକ୍ଷଣ ଯୁକ୍ତ ଦାରୁ ବିଦ୍ୟମାନ ଅଛି । ତାପରେ ଦାରୁଙ୍କୁ ବିଧିପୂର୍ବକ ଅଣାଯାଇ ପୁରୀର ଧୋବେଇ ମହାରଣାଙ୍କ ଦ୍ୱାରା ମୂର୍ତ୍ତୀତ୍ରୟ୍ ଗଠନ କରାଗଲା । ଏହି ମୂର୍ତ୍ତିତ୍ରୟ୍ ହସ୍ତ ପଦ ଯୁକ୍ତ ବିଭିନ୍ନ ଆୟୁଧ ଧରି ସିଂହାସନରେ ଅଧିଷ୍ଠିତ । ୧୯୯୩ ମସିହାରେ ଏହି ମନ୍ଦିରର ପ୍ରତିଷ୍ଠା କାର୍ଯ୍ୟ ସନ୍ନ ହେଲା ।

ଗାରୋଇ ଆଶ୍ରମକୁ ପ୍ରବେଶ କଲେ ବାମହାତି ପଡ଼େ ଶ୍ୱେତବଟ । ବଡ଼ ବିଚିତ୍ର ଏହି ବୃକ୍ଷଦେବତା ଓ ଏହାର ପରିବେଶ । ଏହି ଗଛର ଫଳ ପାଚିଲେବି ଧଳାଦିଶେ । ଏହାକୁ କାମନା ବଟ କୁହନ୍ତି । ଏହାର ପ୍ରତିଟି ଶାଖା ପ୍ରଶାଖାରେ ଆର୍ତ୍ତୀ ମନୁଷ୍ୟର ଅଜସ୍ର କାମନାର ଡୋରୀ ବୃକ୍ଷର ମୂଳରୁ ଅଧାଯାଏ ଝୁଲି ରହିଅଛି । ଏହି ସ୍ଥାନ ଥିଲା ବାବାଙ୍କର ସାଧନାର କେନ୍ଦ୍ର । ବାବା କୁହନ୍ତି ଆଶ୍ରମ ପରିଶରରେ ସତ୍ୟଯୁଗର ଶ୍ୱେତବଟ, ତ୍ରେତୟାର କଳ୍ପ ଅଶ୍ୱତ୍ଥ, ଦ୍ୱାପରର ଶିଆଳିଲଟା ଓ କଳିଯୁଗର ସୁଭଦ୍ରା ଦାରୁ ଚ଼ାରିଯୁଗର ପ୍ରତିନିଧି ହୋଇ ସ୍ଥାନଟିକୁ ଯଗି ରହିଛନ୍ତି । ଆଶ୍ରମ ପରିସରରେ ଭଜନ ମଣ୍ଡପ ଅଛି ଯେଉଁଠି ବାବା ଦୀବସର ଅନେକ ସମୟ୍ ଉପସ୍ଥିତ ରହି ଭଜନ କୀର୍ତ୍ତନରେ ମଜ୍ଜି ଲୋକଙ୍କୁ ସାକ୍ଷାତ ଦିଅନ୍ତି ଓ ସମସ୍ତଙ୍କର ରୋଗଦୁଃଖ ଦୂରକରନ୍ତି । ଏଠାରେ ଏକ ତ୍ରୀଶକ୍ତି ମନ୍ଦିର ଓ ସିଦ୍ଧେଶ୍ୱର ଶିବ ମନ୍ଦିର ରହିଛି । ନର୍ମଦା ନଦୀରୁ ବାବା ନିଜେ ଏହି ଶିବଲିଙ୍ଗ ଉଦ୍ଧାର କରି ନିଜ ଆଶ୍ରମରେ ସ୍ଥାପନ କରିଛନ୍ତି ।

ପରୋପକାର ତାଙ୍କ ଜୀବନର ପରମ ବ୍ରତ ଥିଲା । କେହି ଆର୍ତ୍ତୀ କୌଣସି ବିପତ୍ତିର ସମ୍ମୁଖୀନ ହୋଇ ତାଙ୍କ ପାଖରେ ପହଞ୍ଚିଲେ ସେ ତତ୍କ୍ଷଣାତ ତା ସେବାରେ ଲାଗିପଡୁଥିଲେ । ପଇସା ନଥିଲେ ନିଜ ଝୁଲାରୁ ପଇସା କାଡି ଦେଇ ଦେଉଥିଲେ । ଦୁଃଖୀର ଦୁଃଖ ହରିବାର ଶକ୍ତି ତାଙ୍କର ଥିଲା । କିନ୍ତୁ ଏହି ଦୈବୀ ଶକ୍ତିକୁ ନିଜ ଭିତରେ ଲୁଚ଼ାଇ ରଖି ଅଭିମାନ ଶୂନ୍ୟ ହୋଇ ସେ ଉଚିତ ପରାମର୍ଶ ଦେଉଥିଲେ । ତୁମ ଗ୍ରାମର ଇଷ୍ଟଦେବଙ୍କୁ ଡାକ, ବାପମା'ଙ୍କୁ ଭକ୍ତିକର ସବୁ ଠିକ୍ ହୋଇଯିବ । ସେ ସବୁବେଳେ କହୁଥିଲେ "ବିଶ୍ୱାସରେ ଉସ୍ୱାସ, ଅବିଶ୍ୱାସରେ ସର୍ବନାସ ।" ତାଙ୍କର ବ୍ୟକ୍ତିଗତ ଜୀବନ ବଡ଼ ଶିକ୍ଷଣୀୟ୍ ଥିଲା । ତାଙ୍କ ପାଖରେ ଅଣିମାଦି ଅଷ୍ଟ ଐଶ୍ୱର୍ଯ୍ୟ ଥିଲା । ଯାହା ଚ଼ାହୁଁଥିଲେ ତାହା ହୋଇଯାଉଥିଲା । ଲକ୍ଷଲକ୍ଷ କୋଟିପତି ତାଙ୍କର ଶରଣାପନ୍ନ ହେଉଥିଲେ ମଧ୍ୟ ଦୁଇଖଣ୍ଡ ସାଧା ଗାମୁଛାରେ ତାଙ୍କର ଦୀନ ବିତୁ ଥିଲା । ଏହି ସ୍ୱଚ୍ଛ ଶୁଭ୍ର ଗାମୁଛା ତାଙ୍କ ଦେହକୁ ଖୁବ୍ ମାନୁଥିଲା । ଯଦି ଦୈବାତ କେହି ଅତିଥି କି ଆଶ୍ରମର ଅନ୍ତେବାସୀ ଆସୀ ତାଙ୍କୁ କୌଣସି ମୂଲ୍ୟବାନ ଉପଢୌକନ ଦେଲେ ଯଦି କେହି ଗରିବ ଦୁଃଖୀଟିଏ ପହଞ୍ଚିଯାଏ ସେ ତତ୍କ୍ଷଣାତ ତାକୁ ପ୍ରଦାନ କରିଦିଅନ୍ତି । ସର୍ବଦା ହସହସ ମୁଖ, ଦୀର୍ଘାକୃତ ଦେବଦୁର୍ଲଭ ସୌନ୍ଦର୍ଯ୍ୟ, ସୁଲଳିତ ଦରଦୀ କଣ୍ଠସ୍ୱର, ଆଶୁକବିତ୍ୱ ତଥା ଅସାମାନ୍ୟ ବ୍ୟକ୍ତିତ୍ୱର ଅଧିକାରୀ ବାବା ବୁଦ୍ଧନାଥ ଦାସ ।

ଆଶ୍ରମରେ ପହଞ୍ଚିଲା ପରେ ସେ ଆଗେ ପଚ଼ାରି ଦେଉଥିଲେ ଖାଇଛ କି ନାହିଁ । ସେଥିପାଇଁ କାନ୍ଥରେ ଲେଖିଛନ୍ତି କାମକର, ନାମକର, ମାଗିଖାଇ ଘରକୁ ଫେର । ପ୍ରତ୍ୟେକ ଦିନ ଶହେପଣେ ପତ୍ର ନପଡିଲେ ତାଙ୍କୁ ଦିବସଟି ଅଧୁରା ପରି ଲାଗୁଥିଲା । ତେଣୁ ପରଠୁ ମାଗିଯାଚି ଆଣି ସେ ଆଶ୍ରମର ବାରମାସ ତେର ପର୍ବରେ ଅଗଣିତ ଲୋକଙ୍କୁ ଡାକିହାକି ଖାଇବାକୁ ଦେଉଥିଲେ ଏବଂ ହସି ହସି କୁହନ୍ତି - "ଧନୀ ଠୁ ଆଣି ଗରିବ ବଞ୍ଚା, ମୁଁ ସିନା ଜାଣେ ମାଙ୍କଡ଼ ନଚା ।" ଅଳସୁଆ ଲୋକମାନଙ୍କୁ ଶିକ୍ଷା ଦେବାକୁ ଯାଇ କୁହନ୍ତି - ଆଳସ୍ୟରସେ, କାମ ନଦିସେ, ବାଟରେ ବସେ, କହଇ ବୁଦ୍ଧିଆ ଦିବା ଅନ୍ଧସେ । ପିଲାଦିନେ ସେ ଟିକେ ଖନା ଥିଲେ କଥା କହିଲା ବେଳେ ପାଟି ଲାଗୁଥିଲା । ସେ ମୋଟେ ପାଠ ପଡିନଥିଲେ ମଧ୍ୟ ମନକୁ ମନ ସୁନ୍ଦର ସୁଲଳିତ ପଦ୍ୟାବଳୀ ଆକାଶରୁ ତୋଳି ବୋଲି ଯାଉଥିଲେ । ତାଙ୍କର ସେହି ସଂଗୀତ ଜନମାନସକୁ ଏତେ ଆକୃଷ୍ଟ କରିଥିଲା ଯେ ତାଙ୍କ ଶ୍ରୀମୁଖରୁ ସେହି ଗୀତପଦେ ଶୁଣିବା ପାଇଁ ଆଶ୍ରମରେ ସବୁବେଳେ ଭିଡ଼ଲାଗି ରହୁଥିଲା । ଖଣ୍ଡେ ଖଞ୍ଜଣି ଗୋଟିଏ ଗୋପୀଯନ୍ତ୍ର ଧରି ସେ ତାଙ୍କର ମନ ମତାଣିଆ ଅନର୍ଗଳ ସଙ୍ଗୀତ ଗାନ କରୁଥିଲେ । ସତେଯେପରି ମା' ଶାରଳାଙ୍କର ଦିବ୍ୟ କରୁଣାବାରି ବାବାଙ୍କ ଉପରେ ଝରିପଡୁଥିଲା ।

ତାଙ୍କର ଟାହିଆ ଟାହିଆ କଥା ରସାଳ ପର୍ଯ୍ୟାବଳୀ ଶୀକ୍ଷଣିୟ୍ ସର୍ବଜନ ବୋଧ ଉପଦେଶ ଓ ଅଙ୍ଗଭଙ୍ଗୀ ଦେଖାଇ ନାଚିବାର ଦୃଶ୍ୟ ଭକ୍ତମାନଙ୍କ ମନକୁ କିଣିନିଏ । ବାବାଙ୍କ ପାଖରେ ବସିଲେ ଚ଼ାହୁଁ ଚ଼ାହୁଁ ସମୟ୍ ଗୁଡ଼ିକ କେମିତି କଟିଯିବା

ସହିତ ଏକ ନୈସର୍ଗୀକ ଆନନ୍ଦରେ ମନ ଉତ୍‌ଫୁଲିତ ହୋଇ ଉଠେ । ଯିଏ ଯେତେବେଢ଼ ବିପଦରେ ପଡୁନାଁ କାହିଁକି ମନରେ କିଛି ନରଖି ସବୁ ସତକଥା କହିଦେଲେ ତା'ର ସମସ୍ତ ବିପଦକୁ ସେ ନିଜ ଉପରକୁ ନେଇ ଯାଆନ୍ତି ଏବଂ ଅଭୟବାଣୀ ଦେଇ ଚୁପ୍ ହୋଇ ବସ ତୋର କିଛି ହେବନି ବୋଲି କୁହନ୍ତି ।

ବାବା ବୁଦ୍ଧନାଥ ଥିଲେ ବାକ୍‌ସିଦ୍ଧ ପୁରୁଷ । ତାଙ୍କ ପାଟିରୁ ଯାହା ବାହାରୁ ଥିଲା ତାହା ସତ୍ୟରେ ପରିଣତ ହେଉଥିଲା । ବାବା ମଧ୍ୟ ଦୀବ୍ୟ ଦ୍ରଷ୍ଟା ଥିଲେ ଅତୀତର ଘଟଣା ଦୁର୍ଘଟଣା ବାବାଙ୍କୁ ଆଭାଷ ହେଉଥିଲା । ସେ ତା'ର ପ୍ରତିକାର ନିମନ୍ତେ ବିଭିନ୍ନ କାର୍ଯ୍ୟକ୍ରମ କରି ଯାଇଛନ୍ତି । ଆହୁରୀ ମଧ୍ୟ ଭବିଷ୍ୟତର ସୂଚନା ଦେଇ ବାବା କୁହନ୍ତି ୨୦୧୭ ମସିହା ଜୁନ୍ ୨୨ ତାରିଖରେ ପୃଥିବୀର୧ ଏକ ବିରାଟ ପରିବର୍ତ୍ତନର କଥା ।

ମାତୃଭୂମି ତାଙ୍କ ପାଇଁ ସ୍ୱର୍ଗ ସମାନ ଥିଲା । କେମିତି ତାଙ୍କ ଗ୍ରାମ ଦେଶ ବିଦେଶରେ ପରିଚିତ ହେବ ସେଥିପାଇଁ ସେ ଗାଁକୁ ରାସ୍ତାଘାଟ, ପାଠପଡା ପାଇଁ ସ୍କୁଲ୍, ସ୍ୱାସ୍ଥ୍ୟ ପାଇଁ ମେଡିକାଲ, ପଶୁମାନଙ୍କ ଚିକିତ୍ସା ପାଇଁ ମେଡିକାଲ, ଆଇନ୍ ଶୃଙ୍ଖଳା ପାଇଁ ଫାଣ୍ଡି, ଅତିଥି ମାନଙ୍କ ନିମନ୍ତେ ଡାକବଙ୍ଗଳା, ପଥିକମାନଙ୍କ ନିମନ୍ତେ ବିଶ୍ରାମାଗାର, ପରିବେଶ ସୁରକ୍ଷା ପାଇଁ ଏକର ଏକର ଜମିର ଜଙ୍ଗଲ ପ୍ରସ୍ତୁତି, ନିଜ ବଗିଚ୍ଚରେ ଆୟୁର୍ବେଦୀୟ ଔଷଧୀୟ ବୃକ୍ଷ ରୋପଣ ଲୋକମାନଙ୍କୁ ବୃକ୍ଷଲଗାଇବା ପାଇଁ ଉପଦେଶ, ଦୂରଦୂରାନ୍ତକୁ ଯିବା ଆସିବା ନିମନ୍ତେ ଗାରୋଇରେ ବସ୍‌ଷ୍ଟାଣ୍ଡ, ଖରାଦିନେ ଜଳାଭାବରୁ ରକ୍ଷା ପାଇବା ପାଇଁ ବିରାଟ, ବିରାଟ ପୁଷ୍କରିଣୀ ଖନନ ଇତ୍ୟାଦି ଅନେକ ଲୋକହିତ କର କାର୍ଯ୍ୟମାନ କରିଯାଇଛନ୍ତି । ବାବା କହୁଥିଲେ -

ଚଉବର୍ଗ ଫଳ ହାତରେ ଅଛି
ଯୋଗ୍ୟପାତ୍ର ବଳେ ଦିଏ ମୁଁ ଯାଚି
ବିଫଳ ହୁଅଇ ଅପାତ୍ରେ ଦାନ
ପିଆଜ ଅଖାରେ ମଇଦା ଘେନ ।

ଏଭଳି ମର୍ମସ୍ପର୍ଶୀ କଥା କହିବା ମୂଳରେ ତାଙ୍କର ଉଦ୍ଦେଶ୍ୟ ଥିଲା ତାଙ୍କ ଠାରେ ଯେଉଁ ଦିବ୍ୟଶକ୍ତି ଥିଲା ତାକୁ ଚିହ୍ନିବା ଓ ତାଙ୍କ ଭାବଧାରାରେ ଚଳିବା ଲୋକଙ୍କର ଅଭାବ ସେ ଅନୁଭବ କରୁଥିଲେ । ଗୁରୁକର୍ମ, ଯୁଗକର୍ମ ତାଙ୍କ ଜୀବନର ପରମ ବ୍ରତ ଥିଲା । ପୋଥିରେ ଲେଖବନ୍ଧକୁ ଆଧାର କରି ପଣ୍ଡିତେ ତାଙ୍କୁ ରାମଦାସ ବୋଲି ଜାଣିଥିଲେ । ଯଜ୍ଞକର୍ମ ମାଧ୍ୟମରେ ସୃଷ୍ଟିର ସୁରକ୍ଷା କଥା ସେ ସବୁବେଳେ ଚିନ୍ତା କରୁଥିଲେ । ତାଙ୍କର ଏହି ଯଜ୍ଞ କର୍ମ ମା' ମଙ୍ଗଳାଙ୍କ ପୀଠରୁ ଆରମ୍ଭ ହୋଇ ପୁରୀ, କଟକ, ଖଣ୍ଡଗିରି, ଗାରୋଇ, ଶିଆଳିଦାରେ ଅନୁଷ୍ଠିତ ହୋଇଅଛି । ଆଉ କେବେ କେଉଁଠି ହେବ, ସେକଥା ତାଙ୍କୁ ହିଁ ଜଣା ।

ବାବା ସତ୍ୟାଶ୍ରୟୀ ଥିଲେ । ସେ ସର୍ବଦା ସତ୍ୟର ଆଦର କରୁଥିଲେ । ସେଥିପାଇଁ ସେ କୁହନ୍ତି -
''ସତ କହ, ସର୍ବ ସହ, କର୍ମ କର, ଧର୍ମେ ଚଳ ।''

୨୦୦୬ ମସିହା ସେପ୍‌ଟେମ୍ବର ୨ ତାରିଖରେ ଏହି ଯୁଗାବତାରୀ ପୁରୁଷଙ୍କର ଦେହାବସାନ ଘଟିଥିଲା । ତାଙ୍କର ଦେହାବସାନରେ ଭକ୍ତମାନଙ୍କ ମନରେ ଶୋକର ଛାୟା ଖେଳିଯାଇଥିଲା । ତାଙ୍କର ୬୬ବର୍ଷର ସିମିତ ଜୀବନକାଳ ମଧ୍ୟରେ ସମସ୍ତ ଗଠନମୂଳକ ଚିନ୍ତାଧାରା, ଦେଶ, ଜାତି, ସମାଜର ମଙ୍ଗଳ କଳ୍ପେ ସେ ଯେତିକି କରିଯାଇଛନ୍ତି ତାହା ଏ କ୍ଷୁଦ୍ର ଜୀବନୀ ଆଲେଖ୍ୟରେ ପ୍ରକାଶ କରିବା ଅସମ୍ଭବ ।

ବାବାଙ୍କ ଅବର୍ତ୍ତମାନରେ ତାଙ୍କ ନିର୍ଦ୍ଦେଶ ଅନୁସାରେ ଆଶ୍ରମର ଛୁଆବାବା ଭାବରେ ଆସୀନ ହୋଇଛନ୍ତି ବାବା ଶ୍ରୀ ଶ୍ରୀ ଆଦିତ୍ୟ ନାରାୟଣ ଦାସ । ଆମର ଆଶା ଓ ବିଶ୍ୱାସ ଏହି ଯୁଗାନ୍ତକାରୀ ପୁରୁଷଙ୍କ କୃପାରେ ବାବା ଆଦିତ୍ୟ ନାରାୟଣ ଏହି କ୍ଷେତ୍ରକୁ ବିଶ୍ୱଦରବାରରେ ପ୍ରତିଷ୍ଠିତ କରାଇବେ ।

- ସମାପ୍ତ -